‘ରୋଗୀ ଆନନ୍ଦରେ ଫେରିଲେ ମୁଁ ଖୁସି ହୁଏ’

ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଭାରତର ଜଣେ ଖ୍ୟାତନାମା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ। ପ୍ରଫେସର ମହାପାତ୍ର ଭାରତ ସମେତ ବିଶ୍ୱର ବିଭିନ୍ନ ମେଡିକାଲ୍ କଲେଜରେ ପ୍ରସୂତି ଓ ସ୍ତ୍ରୀ ରୋଗର ବିଭିନ୍ନ ଚିକିତ୍ସା ପ୍ରଣାଳୀ ଉପରେ ଜ୍ଞାନ ବାଣ୍ଟିଛନ୍ତି। ସେ ମଧ୍ୟ ଓଡ଼ିଶାର ବିଭିନ୍ନ ମେଡିକାଲ୍ କଲେଜରେ ଶିକ୍ଷାଦାନ କରି ଅନେକ ଭଲ ଡାକ୍ତର ସୃଷ୍ଟି କରିଛନ୍ତି। ପ୍ରଫେସର ଡା. ମହାପାତ୍ର ‘ଦ ଫେଡେରେସନ୍ ଅଫ୍ ଅବଷ୍ଟେଟ୍ରିକ୍ସ୍ ଆଣ୍ଡ୍ ଗାଇନାକୋଲୋଜି ସୋସାଇଟି ଅଫ୍ ଇଣ୍ଡିଆ’ (ଏଫ୍‌ଓଜିଏସ୍‌ଆଇ)ର ସଦସ୍ୟ ଅଛନ୍ତି। ବର୍ତ୍ତମାନ ସେ ଅଲ୍ ଇଣ୍ଡିଆ କଂଗ୍ରେସ ଅଫ୍ ଅବଷ୍ଟେଟ୍ରିକ୍ସ୍ ଆଣ୍ଡ ଗାଇନାକୋଲୋଜି-୨୦୧୮ର ଅର୍ଗାନାଇଜିଂ ଚେୟାରପର୍ସନ ଅଛନ୍ତି। ପ୍ରଫେସର ମହାପାତ୍ର ଭଗବାନ ବିଶ୍ୱାସୀ ଓ ସବୁବେଳେ ରୋଗୀଙ୍କ ମୁହଁରେ ହସ ଦେଖି ଚିକିତ୍ସାରେ ସନ୍ତୁଷ୍ଟି ଲାଭ କରିଥାନ୍ତି। ପ୍ରଫେସର ମହାପାତ୍ରଙ୍କୁ ‘ନିତିଦିନ’ ପକ୍ଷରୁ ସାକ୍ଷାତ କରିଥିଲେ ଆମ ପ୍ରତିନିଧି

ନଳିନୀ କୁମାର ରାଉତ ।



ଆଡୋଲେସନ୍ ଗାର୍ଲ ଓ ମହିଳାଙ୍କ ବିଭିନ୍ନ ରୋଗ ବଢୁଥିବାରୁ ସ୍ୱତନ୍ତ୍ର ବିଭାଗ ଖୋଲିବା ଆବଶ୍ୟକତା ଅଛି କି ?

ବର୍ତ୍ତମାନ ଏହାର ନିତାନ୍ତ ଆବଶ୍ୟକତା ରହିଛି। ଭାରତରେ ୨୭ଟି କମିଟି ମଧ୍ୟରୁ ଆଡୋଲେସନ୍ କମିଟି ଅନ୍ୟତମ। ଏହି କମିଟି ଅନୁସାରେ ପ୍ରତ୍ୟେକ ମେଡିକାଲ୍‌ରେ ସ୍ୱତନ୍ତ୍ର ଭାବେ ଆଡୋଲେସନ୍ କ୍ଲିନିକ୍ ଖୋଲିବା ଦରକାର। ଅନେକ ସମୟରେ ଝିଅମାନେ ହସ୍ପିଟାଲ୍‌କୁ ଯାଇ ସେମାନଙ୍କ ସମସ୍ୟା ସର୍ବସାଧାରଣ ସ୍ଥାନରେ କହିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ପ୍ରତ୍ୟେକ ହସ୍ପିଟାଲ୍‌ରେ ସ୍ୱତନ୍ତ୍ର ଭାବେ ଆଡୋଲେସନ୍ କ୍ଲିନିକ୍ ହେବା ଦରକାର। ସେଠାରେ ଫ୍ରି’ ଚିକିତ୍ସା ବ୍ୟବସ୍ଥା ରହିବା ଦରକାର ବୋଲି ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଜଣେ ଝିଅ ଆଡୋଲେସନ୍ ସମସ୍ୟା ପାଇଁ ଅନେକ ରୋଗରେ ପଡ଼ିଥାଏ। ତେଣୁ ସେମାନେ ଠିକ୍ ସମୟରେ ଚିକିତ୍ସା ସୁବିଧା ପାଇଲେ, ଭବିଷ୍ୟତରେ ଜନ୍ମ ନେବାକୁ ଥିବା ଶିଶୁକନ୍ୟା ସୁସ୍ଥ ହେବ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ହସ୍ପିଟାଲ୍‌ରେ ବିବାହିତା ମହିଳାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଡାକ୍ତର ସବୁବେଳେ ବ୍ୟସ୍ତ ଥା’ନ୍ତି। ତେଣୁ ଯୁବତୀ ଓ ମହିଳାଙ୍କ ବିଭାଗ ଅଲଗା ହେବା ଦରକାର। ଯୁବତୀ ଓ ମହିଳାଙ୍କ ସ୍ତ୍ରୀ ଓ ପ୍ରସୂତି ରୋଗ ଅଲଗା ପ୍ରକାରର ହୋଇଥାଏ। ତେଣୁ ଆଡୋଲେସନ୍ ଗାର୍ଲଙ୍କ ପାଇଁ ଚିକିତ୍ସା ବିଜ୍ଞାନର ପାଠ୍ୟକ୍ରମରେ ସ୍ୱତନ୍ତ୍ର ବିଷୟବସ୍ତୁ ମଧ୍ୟ ରହିବା ବର୍ତ୍ତମାନର ଆବଶ୍ୟକତା।

ସ୍ତ୍ରୀରୋଗ ଓ ପ୍ରସୂତି ଚିକିତ୍ସା କ୍ଷେତ୍ରରେ ଓଡ଼ିଶାର ବ୍ୟବସ୍ଥାକୁ ନେଇ ଆପଣ କ’ଣ ସନ୍ତୁଷ୍ଟ ?

ସ୍ତ୍ରୀ ରୋଗ ଓ ପ୍ରସୂତିଙ୍କ ଚିକିତ୍ସା କ୍ଷେତ୍ରରେ ଭାରତ ବହୁ ଆଗରେ ରହିଛି। ଭାରତୀୟ ଡାକ୍ତର ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ଷେତ୍ରରେ ସବୁଠାରୁ ଆଗୁଆ। ଭାରତୀୟ ଡାକ୍ତର ବିନା ଟେକ୍ନୋଲୋଜିରେ ମଧ୍ୟ ଭଲ ଚିକିତ୍ସା ଯୋଗାଇ ପାରନ୍ତି। ବିଶ୍ୱର ଅନ୍ୟ ଉନ୍ନତ ଦେଶର ଡାକ୍ତରଙ୍କ ସ୍କିଲ୍ ଏତେ ଉନ୍ନତ ନୁହେଁ, ସେମାନେ କେବଳ ଟେକ୍ନିକାଲ ଦୃଷ୍ଟିରୁ ବହୁ ଉନ୍ନତ। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ଚିକିତ୍ସା ସେବା ଉତ୍ତମ ଓ ସବୁଠାରୁ ଶସ୍ତା। ଓଡ଼ିଶାରେ ଚିକିତ୍ସା ବ୍ୟବସ୍ଥା ଅତି ପ୍ରଶଂସନୀୟ।

ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ କିଛି ଚିକିତ୍ସା ବାହାରିଛି କି ?

ବର୍ତ୍ତମାନ ବହୁ ନୂଆ ଚିକିତ୍ସା ବ୍ୟବସ୍ଥା ଆସିଛି। ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରରେ ଏଣ୍ଡୋସ୍କୋପି ରିଭୋଲ୍ୟୁସନ୍, ୩ଜି, ଇନ୍‌ଫର୍ଟିଲିଟି, ଷ୍ଟେମ୍‌ସେଲ୍ ରିଚର୍ସ ଓ ଭିକ୍ରିଭିକେସନ୍ ଉପରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି। ବର୍ତ୍ତମାନ ଟେକ୍ନୋଲୋଜିକୁ ସାହାରା କରି ବହୁ ଜଟିଳ ଚିକିତ୍ସା କରାଯାଇପାରିବ। ଭାରତ ମଧ୍ୟ ନୂଆ ପଦ୍ଧତିରେ ଏକ ବିରଳ ରେକର୍ଡ କରିଛି। ସ୍ୱିଡେନ୍‌ରେ ପ୍ରଥମେ ଜଣେ ମହିଳାଙ୍କ ୟୁଟ୍ରସ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ୬ମାସ ତଳେ ଭାରତର ପୁନେରେ ମଧ୍ୟ ଜଣେ ମହିଳାଙ୍କ ୟୁଟ୍ରସ ଟ୍ରାନ୍ସପ୍ଲାଣ୍ଟ କରାଯାଇଛି। ଯାହାକି ଲାପ୍ରୋସ୍କୋପି ଜରିଆରେ ବାହାର କରି ତାଙ୍କ ଝିଅ ଦେହରେ ଲଗା ଯାଇଥିଲା। ବିଶ୍ୱରେ ୧୧ଟି ୟୁଟ୍ରସ ଟ୍ରାନ୍ସପ୍ଲାଣ୍ଟରୁ ଭାରତରେ ୨ଟି ହୋଇଛି।

କ’ଣ କଲେ ମା’ ଓ ଶିଶୁ ସୁରକ୍ଷିତ ରହିବେ ?

ଭାରତୀୟ ମହିଳାଙ୍କ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରରେ ଯେତିକି ସମସ୍ୟା ନାହିଁ, ସାଧାରଣ କଥାକୁ ଅଣଦେଖା କରିବା ଯୋଗୁ ବଡ଼ ସମସ୍ୟା ହୁଏ। ଭାରତରେ ଗର୍ଭବତୀ ମହିଳାମାନେ ବିଭିନ୍ନ ସାମାଜିକ ବ୍ୟବସ୍ଥା ଓ ଅନ୍ଧବିଶ୍ୱାସକୁ ନେଇ ବଞ୍ଚିଥାନ୍ତି। ଫଳରେ ବହୁ ସମୟରେ ଶିଶୁ ମୃତ୍ୟୁ ସହିତ ମାତୃମୃତ୍ୟୁ ହୋଇଥାଏ। କେବଳ ଯେ ଗର୍ଭଜନିତ ପରୀକ୍ଷା କରିଦେଲେ ଗର୍ଭବତୀଙ୍କ କାମ ସରିଯାଏ ନାହିଁ, ଗର୍ଭବତୀମାନେ ଗର୍ଭ ପରୀକ୍ଷା ଠିକ୍ ସମୟରେ କରିବା ସହିତ ଇନ୍‌ଷ୍ଟିଚ୍ୟୁସ୍‌ନାଲ ଡେଲିଭରି କରିବାର ଆବଶ୍ୟକତା ରହିଛି। ଏହି ଡେଲିଭରି ପାଇଁ ଆଜି ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁ ହାର କମିଛି। ତେଣୁ ପ୍ରତ୍ୟେକ ଗର୍ଭବତୀ ହସ୍ପିଟାଲ୍‌କୁ ଆସି ଡେଲିଭରି କରିବା ଉଚିତ୍। ବର୍ତ୍ତମାନ ବିଭିନ୍ନ କାରଣରୁ ବହୁ ମହିଳାଙ୍କର ୩ମାସ ଭିତରେ ଗର୍ଭ ନଷ୍ଟ ହୋଇଯାଉଛି। ଏହା ଉପରେ ଅଧିକ ରିସର୍ଚ୍ଚ ଚାଲିଛି। ସେହିପରି ଯାଆଁଳା ଶିଶୁ ଓ ଆବନର୍ମାଲ ଶିଶୁ ଯେପରି ରହିବେ ନାହିଁ, ସେ ଦିଗରେ ଏକ ସୋସିଆଲ ମେଡିସିନ୍ ପାଇଁ ଚେଷ୍ଟା ଜାରି ରହିଛି।

ଚିକିତ୍ସା ବେଳେ ଭଗବାନଙ୍କୁ ନା ବିଜ୍ଞାନକୁ ବିଶ୍ୱାସ କରନ୍ତି ?

ଚିକିତ୍ସା ଦୁନିଆରେ ସବୁବେଳେ ଜନ୍ମ ଓ ମୃତ୍ୟୁକୁ ଅତି ନିକଟରୁ ଦେଖିଛୁ। ଜନ୍ମ ଓ ମୃତ୍ୟୁ ସବୁବେଳେ ସତ୍ୟ। ମୁଁ ଈଶ୍ୱର ବିଶ୍ୱାସୀ। ତେବେ ଚିକିତ୍ସା ସେବାକୁ ଖାଲି ଭଗବାନଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ତେବେ ବିଜ୍ଞାନ ବି ମଣିଷକୁ ବେଳେବେଳେ ଧୋକା ଦେଇଥାଏ। ଜଣେ ଡାକ୍ତର ଶେଷ ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିଥାଏ। ଜଣେ ରୋଗୀ କାନ୍ଦିକି ମେଡିକାଲ୍ ଆସିଥାଏ, ସବୁବେଳେ ହସି କରି ଘରକୁ ଫେରିବା ମୋର ଲକ୍ଷ୍ୟ।

ଟ୍ରକ ଧକ୍କାରେ ଜଣେ ମୃତ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଆଜି ଭୋର୍‌ରେ ରସୁଲଗଡ଼ ଓଭରବ୍ରିଜ୍ ତଳେ ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ବମିଖାଲରେ ରହୁଥିବା ଅଭୟ କୁମାର ଦାସ (୪୬) ବୋଲି ପୁଲିସ୍ କହିଛି। ଅଭୟଙ୍କ ମୃତଦେହକୁ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଛି। ସେହିପରି ଦୁର୍ଘଟଣା ପରେ ଟ୍ରକଟି ଫେରାର୍ ହୋଇଯାଇଛି। ଟ୍ରକ ଓ ଚାଳକକୁ ଧରିବା ପାଇଁ ମୃତ ଅଭୟଙ୍କ ଭାଇ ଅକ୍ଷୟ କୁମାର ଦାସ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଅଭୟଙ୍କର ପାହାଲରେ ଏକ ଦୋକାନ ରହିଛି। ଆଜି ଭୋର୍ ପ୍ରାୟ ୫ଟାରେ ସେ ଦୋକାନକୁ ତାଙ୍କ ଆକ୍ଟିଭା ଗାଡ଼ି ନେଇ ଯାଉଥିବାବେଳେ ରସୁଲଗଡ଼ ଓଭରବ୍ରିଜ୍ ତଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ବିବେକାନନ୍ଦଙ୍କ ଜୟନ୍ତୀ

କଟକ,୧୨।୧/ଏନ୍‌ଏନ୍‌ଏସ: ସ୍ଥାନୀୟ ବକ୍ସିବଜାର ମକରବାଗ୍ ସାହିସ୍ଥିତ ମା’ସରସ୍ୱତୀ ଶିକ୍ଷାମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିସ୍ତାର ସମିତି, ଓଡ଼ିଶା ସଭାପତି ରାଜକିଶୋର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଅବଗତ କରାଇଥିଲେ। ବିଦ୍ୟାଳୟର ସଭାପତି ବଂଶୀଧର ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟ ଗଠନ ଠାରୁ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ପର୍ଯ୍ୟନ୍ତ କାର୍ଯ୍ୟଧାରା ଜାରି ରଖିଛି ବୋଲି କହିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମହାନ୍ତି ବିବେକାନନ୍ଦଙ୍କ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଇଥିଲେ।

ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ‘ପାଇଲୋ ସାଫ୍’ ଔଷଧ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ରାଜ୍ୟରେ ସରକାରୀ ଆୟୁର୍ବେଦିକ ଡାକ୍ତରଖାନାଗୁଡ଼ିକରେ ନିତ୍ୟ ବ୍ୟବହାର୍ଯ୍ୟ ଔଷଧ ରୋଗୀଙ୍କୁ ମିଳୁ ନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ‘ପାଇଲୋ ସାଫ୍’ ଔଷଧ ପଡ଼ି ଖତଖାଇଛି। ଏହି ‘ପାଇଲୋ ସାଫ୍’ ଔଷଧ ରୋଗୀଙ୍କ କାମରେ ଆସୁ ନଥିବାବେଳେ କାହିଁକି ଏତେ ମାତ୍ରାରେ କିଣାଯାଇଛି ବୋଲି ଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଇଛନ୍ତି। ବିଭିନ୍ନ ସରକାରୀ ହସ୍ପିଟାଲରେ ନିତ୍ୟ ବ୍ୟବହାର୍ଯ୍ୟ ଔଷଧର ଷ୍ଟକ୍ ନଥିଲାବେଳେ ଏହି ‘ପାଇଲୋ ସାଫ୍’ ଔଷଧ ପଡ଼ି ରହିଛି। ସରକାରୀ ନିୟମ ଅନୁସାରେ ଯଦି କୌଣସି ନିତାନ୍ତ ଔଷଧ ଡାକ୍ତରଖାନାରେ ଆବଶ୍ୟକ ହୁଏ, ତାହାଲେ ଆୟୁର୍ବେଦିକ ମେଡିକାଲ ଅଫିସର୍ ଡିଷ୍ଟ୍ରିକ୍ ଆୟୁର୍ବେଦିକ ମେଡିକାଲ ଅଫିସରଙ୍କୁ ରୋଗୀଙ୍କ ଔଷଧ ଆବଶ୍ୟକତା ସମ୍ବନ୍ଧରେ ଜଣାଇବେ। ହେଲେ ‘ପାଇଲୋ ସାଫ୍’ ଔଷଧ କିଣିବା ପାଇଁ ଏଏମ୍‌ଓ ଓ ଡିଏଏମ୍‌ଓଙ୍କୁ କୌଣସି ଚିଠି ଲେଖିନାହାନ୍ତି। ଓଲଟା ଆୟୁଷ ବିଭାଗ ଜୋର୍‌ଜବରଦସ୍ତ ଭାବେ ରାଜ୍ୟର ୧୩ ଜଣ ଡିଏଏମ୍‌ଓଙ୍କ ପାଖକୁ ଏହି ଔଷଧ ଇନଷ୍ଟେଣ୍ଟ କରିବା ପାଇଁ ଚିଠି ଲେଖିଥିବା ଏଜି ଅଡିଟ୍ ଜାଣିବାକୁ ପାଇଛନ୍ତି। ବିଭାଗର ଏଭଳି ଚିଠି ଲେଖିବା ପଛର କାରଣ ସମ୍ବନ୍ଧରେ ଜାଣିବାକୁ ଚାହିଁଛନ୍ତି ଏଜି ଅଡିଟ୍। ଲୋକଙ୍କ ପାଖରେ ଆୟୁର୍ବେଦିକ ଚିକିତ୍ସା ଉପଯୁକ୍ତ ଭାବରେ ପହଞ୍ଚାଇବା ଲାଗି ୨୦୦୫ରେ ଜାତୀୟ ଆୟୁଷ ମିଶନ ଗଠନ କରାଗଲା। ହେଲେ ଯେଉଁ ଲକ୍ଷ୍ୟ ନେଇ ବିଭାଗ ଗଠନ କରାଗଲା, ତାହା କାର୍ଯ୍ୟରେ ଆସୁନାହିଁ। ରାଜ୍ୟରେ ଆୟୁର୍ବେଦିକ ଡାକ୍ତରଖାନାରେ ଅତ୍ୟାବଶ୍ୟକ ଔଷଧ ମିଳୁନାହିଁ। ଜ୍ୱର, ଝାଡ଼ା, ଥଣ୍ଡା, କାଶ, ପେଟବଥା ଆଦି ସାଧାରଣ ଔଷଧ ରୋଗୀଙ୍କୁ ମିଳୁନାହିଁ ବୋଲି ରୋଗୀ ଅଭିଯୋଗ କରିଛନ୍ତି। ଏପରି ସମୟରେ ୨୦୧୬ ମସିହାରେ ଆୟୁଷ ବିଭାଗ ୨୦ଲକ୍ଷ ଟଙ୍କାର ‘ପାଇଲୋ ସାଫ୍’ ଔଷଧ ଇନଷ୍ଟେଣ୍ଟ କରିଛନ୍ତି। ଏହି ଔଷଧ କିଣାକୁ ନେଇ ଆୟୁର୍ବେଦିକ ଡାକ୍ତର କଡ଼ା ସମାଲୋଚନା କରିଛନ୍ତି। ଡାକ୍ତରଖାନାରେ ନିତ୍ୟ ବ୍ୟବହାର୍ଯ୍ୟ ଔଷଧ ମିଳୁ ନଥିବାରୁ ରୋଗୀଙ୍କ ରୋଷର ଶିକାର ହେଉଛନ୍ତି ଡାକ୍ତର। ଏହି ୨୦ଲକ୍ଷ ଟଙ୍କାକୁ ରାଜ୍ୟରେ ଥିବା ଦୁଇଟି ସରକାରୀ ଫାର୍ମାସୀ ଲାବୋରେଟୋରୀକୁ ନିତ୍ୟ ବ୍ୟବହାର୍ଯ୍ୟ ଔଷଧ ପ୍ରସ୍ତୁତ କରିବାକୁ ଦିଆଯାଇଥାନ୍ତା, ତେବେ ରାଜ୍ୟର ବହୁ ଆୟୁର୍ବେଦିକ ଡାକ୍ତରଖାନାରେ ନିତ୍ୟ ବ୍ୟବହାର୍ଯ୍ୟ ଔଷଧ ପାଇ ରୋଗୀ ଉପକୃତ ହୋଇଥାନ୍ତେ। ହେଲେ ରାଜ୍ୟ ଆୟୁଷ ବିଭାଗ କାହିଁକି ଏପରି ‘ପାଇଲେ ସାଫ୍’ କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇଛି ତାକୁ ନେଇ କିଛି ଡାକ୍ତର ପ୍ରଶ୍ନ ଉଠାଇଛନ୍ତି।

ଇ-ଭୁବନେଶ୍ୱର ଅଭିଯାନ: ଟାର୍ଗେଟ୍ ୨୭୦୦ଟନ୍ ଇ-ବର୍ଜ୍ୟ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଅକାମୀ କମ୍ପ୍ୟୁଟର, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଆଉ କବାଡ଼ିବାଲାକୁ ଶାଗମାଛ ମୂଲ୍ୟରେ ଦେବାକୁ ପଡ଼ିବ ନାହିଁ। ଏଥିପାଇଁ ରାଜଧାନୀବାସିନ୍ଦା ଏହାର ଉପଯୁକ୍ତ ମୂଲ୍ୟ ପାଇବେ। ରାଜଧାନୀବାସିନ୍ଦାଙ୍କ ଠାରୁ ଇ-ବର୍ଜ୍ୟ ସଂଗ୍ରହ କରି ସେମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେବାକୁ ବିଏମସି ତରଫରୁ ଯୋଜନା ଆରମ୍ଭ ହୋଇଛି। ଫଳରେ ଭୁବନେଶ୍ୱର ସହି ଇ-ଆବର୍ଜନାମୁକ୍ତ ହୋଇପାରିବ ବୋଲି ସମ୍ଭାବନା ପ୍ରକାଶ ପାଇଛି। ଭୁବନେଶ୍ୱରରେ ଇ-ୱେଷ୍ଟ ପରିମାଣ ବଢ଼ିବାରେ ଲାଗିଥିବା ବେଳେ ଏହାକୁ ସଂଗ୍ରହ କରିବା, ନିରାପଦ ଭାବରେ ପୃଥକ କରିବା ଏବଂ ଆବଶ୍ୟକ ସ୍ଥଳରେ ରିସାଇକ୍ଲିଂ କରିବା ପାଇଁ ଏହି ପ୍ରକଳ୍ପରେ ଯୋଜନା ହୋଇଛି। ଏଥିପାଇଁ ଆଜି ଠାରୁ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଆରମ୍ଭ କରାଯାଇଛି। ବିଭିନ୍ନ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ଠାରୁ ଅଚଳ ହୋଇ ଯାଇଥିବା ଇ-ବର୍ଜ୍ୟ ଯେପରିକି କିବୋର୍ଡ, ମାଉସ୍, କମ୍ପ୍ୟୁଟର ଇତ୍ୟାଦି ସଂଗ୍ରହ କରିବା ପାଇଁ ଏକ ମାଗଣା ଫୋନ୍ ନମ୍ବର ଜାରି କରାଯାଇଛି। ବାର୍ଷିକ ୨୭ଶହ ଟନ୍ ଇ-ବର୍ଜ୍ୟର ପରିଚାଳନା କରିବାକୁ ପ୍ରସ୍ତୁତ ହେଲା କାର୍ଯ୍ୟଖସଡ଼ା ଇ-ବର୍ଜ୍ୟ ବସ୍ତୁଗୁଡ଼ିକୁ ଉପଯୁକ୍ତ ପରିଚାଳନା କରିବା ନେଇ ଆରମ୍ଭ ହୋଇଛି ଇ-ଭୁବନେଶ୍ୱର ପ୍ରକଳ୍ପ। ଆଜି ଇନ୍‌ଫୋସିସ୍ କ୍ୟାମ୍ପସ୍‌ରେ ଆୟୋଜିତ କର୍ମଶାଳାରେ ଇ-ୱେଷ୍ଟ ପରିଚାଳନା ସଂକ୍ରାନ୍ତରେ ବିଶେଷଜ୍ଞମାନେ ବୁଝାଇଥିଲେ। ଇଣ୍ଟରନ୍ୟାସ୍‌ନାଲ୍ ଫାଇନାନ୍ସ୍ କର୍ପୋରେସନ୍ ଓ ୟୁରୋପୀୟ ସଂଘର ମିଳିତ ସହଯୋଗରେ ଇକୋ ସହର ପ୍ରକଳ୍ପ ଭାରତର ବିଭିନ୍ନ ସହରରେ କାର୍ଯ୍ୟକାରୀ ହୋଇଥିବା ବେଳେ ଭୁବନେଶ୍ୱରର ଇ-ବର୍ଜ୍ୟବସ୍ତୁ ପରିଚାଳନା ଅଭିଯାନ ଏହାର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟକାରୀ ହେଉଛି। ଇ-ଭୁବନେଶ୍ୱର ପ୍ରକଳ୍ପରେ ଲୋକଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଇ-ୱେଷ୍ଟ ସଂଗ୍ରହ କରିବା ପାଇଁ ଆବଶ୍ୟକ ସଂଖ୍ୟାରେ କେନ୍ଦ୍ରମାନ ଖୋଲାଯିବାକୁ ସ୍ଥିର ହୋଇଛି ବୋଲି ବିଏମ୍‌ସିର ସହଯୋଗୀ ସଂସ୍ଥା ସିଦ୍ଧ ଡେଭ୍‌ଲପମେଣ୍ଟ୍ ରିସର୍ଚ୍ଚ ସେଣ୍ଟର୍‌ର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେହିପରି ସ୍କୁଲ, କଲେଜ, ଇଂଜିନିୟରିଂ ଶିକ୍ଷାନୁଷ୍ଠାନ ଏବଂ ବିଶେଷ କରି ଆଇଟି ସଂସ୍ଥାଗୁଡ଼ିକ ସହ ଏହାର ଉପଯୁକ୍ତ ପରିଚାଳନା ନେଇ ଆଲୋଚନା କରାଯିବ। ଏକ ଆକଳନ ଅନୁସାରେ ରାଜଧାନୀରେ ଏବେ ବର୍ଷକୁ ପ୍ରାୟ ୨୭ଶହ ଟନ୍ ଇ-ୱେଷ୍ଟ ନିର୍ଗମନ ହେଉଛି। ବିଗତ କିଛି ବର୍ଷ ହେଲା ଏହା ବାର୍ଷିକ ୩୦ ପ୍ରତିଶତ ହାରରେ ବୃଦ୍ଧି ପାଇ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକ ଡ. ଡି କେ ବେହେରାଙ୍କ ସୂଚନା ଅନୁସାରେ କେତେକ ଇ-ୱେଷ୍ଟରେ ଟକ୍ସିକ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥ ଥାଏ। ଯାହା ପ୍ରଜନନ କ୍ଷମତା ହ୍ରାସ କରିବା ଏବଂ ଚର୍ମ ସଂକ୍ରମଣ ଭଳି କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥିପାଇଁ ଏଭଳି ପଦାର୍ଥକୁ ବୈଜ୍ଞାନିକ ପଦ୍ଧତିରେ ପୃଥକୀକରଣ କରିବା ଆବଶ୍ୟକ। ଇ-ଭୁବନେଶ୍ୱର ପ୍ରକଳ୍ପରେ ସହଯୋଗୀ ସଂସ୍ଥା ସିଦ୍ଧ ଡେଭ୍‌ଲପ୍‌ମେଣ୍ଟ୍ ରିସର୍ଚ୍ଚ ପକ୍ଷରୁ ବର୍ଜ୍ୟଗୁଡ଼ିକୁ ସଂଗ୍ରହ କରି ଏହାର ପୃଥକୀକରଣ କରାଯିବ। ବର୍ଜ୍ୟଗୁଡ଼ିକ ଆବର୍ଜନା ଭାବରେ କେବଳ ବିଚାର ନ କରି ଏହାର ବ୍ୟବହାରିକ ମୂଲ୍ୟ ଆଦାୟ କରିବାକୁ ପ୍ରକଳ୍ପରେ ଯୋଜନା ରହିଛି। ରିସାଇକ୍ଲିଂ ପଦ୍ଧତି ଅନୁସରଣ କରାଯିବ ବୋଲି ସ୍ଥିର ହୋଇଛି। ଏବେ ଭୁବନେଶ୍ୱରରେ ୬ଟି ସଂଗ୍ରହ କେନ୍ଦ୍ର ଏବଂ ୨ଟି ପୃଥକୀକରଣ କରିବା କେନ୍ଦ୍ର ରହିଛି। ଇ-ଭୁବନେଶ୍ୱର ପ୍ରକଳ୍ପ ଜରିଆରେ ଭୁବନେଶ୍ୱରକୁ ଏକ ନିରାପଦ ଏବଂ ଦାୟିତ୍ୱସମ୍ପନ୍ନ ସହରରେ ପରିଣତ କରାଯିବ ବୋଲି ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର କହିଛନ୍ତି।

Building an ecosystem for effective management of E-Waste in Bhubaneswar

ଶିଶିର ସରସର ଅଷ୍ଟମ ସନ୍ଧ୍ୟା, ହିନ୍ଦୀ ଏବଂ ଓଡ଼ିଆ ଗଜଲରେ ଦର୍ଶକ ମନ୍ତ୍ରମୁଗ୍ଧ

୭ ଦିନରେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ‘ଓର୍‌ମାସ୍’ ପକ୍ଷରୁ ଆୟୋଜିତ ‘ଶିଶିର ସରସ’ ମେଳା ଆଜି ସପ୍ତମ ଦିନରେ ପହଞ୍ଚିଛି। ଚଳିତବର୍ଷ କୋରାପୁଟ ଜିଲ୍ଲା କୋଟପାଡ୍ ବସ୍ତ୍ର, କେନ୍ଦ୍ରାପଡ଼ାର ଗୋଲ୍‌ଡେନ୍ ଗ୍ରାସ ଏବଂ ବାଲେଶ୍ୱରର ଟେରାକୋଟା ପ୍ରସ୍ତୁତ ପଦ୍ଧତିର ଲାଇଭ୍ ଡେମୋ ଦେଖିବାକୁ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। କେନ୍ଦ୍ରାପଡ଼ା କପାଳେଶ୍ୱର ପଞ୍ଚାୟତର ଯଜାଙ୍ଗ ଗ୍ରାମ ‘ଶିବ ପାର୍ବତୀ’ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ‘ଗୋଲଡେନ୍ ଗ୍ରାସ’ର ଲାଇଭ ଡେମୋ ଅନୁଷ୍ଠିତ ହେଉଛି। ଏହାର ସମ୍ପାଦିକା ସନ୍ଧ୍ୟାରାଣୀ ନାୟକ କହିଛନ୍ତି, ଗୋଲ୍‌ଡେନ୍ ଗ୍ରାସ୍ (କାଇଁଚ)ରେ ବିଭିନ୍ନ ଗୃହ ସଜ୍ଜା ସାମଗ୍ରୀ ଯଥା ଟେବୁଲ୍ ମ୍ୟାଟ୍, ଗହଣା ବାକ୍ସ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି କରାଯାଉଛି। ପ୍ରାୟ ୨୦୦୦ ପରିବାର ଏହି ବିରଳ ହସ୍ତକଳା ପ୍ରସ୍ତୁତିରେ ନିୟୋଜିତ ଅଛନ୍ତି। ଶିଶିର ସରସ ମେଳାରେ ଏ ପର୍ଯ୍ୟନ୍ତ ପ୍ରାୟ ୪୦,୦୦୦ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଲୋକଙ୍କ ଏହି ସାମଗ୍ରୀ ପ୍ରତି ଆଗ୍ରହ ଦେଖି ସେ ଖୁସି ପ୍ରକଟ କରିଛନ୍ତି।

ବାଲେଶ୍ୱର ଜିଲ୍ଲା ବାବା ପଞ୍ଚଲିଙ୍ଗେଶ୍ୱର ଟେରାକୋଟା ଉତ୍ପାଦକ ସଂଘ ପକ୍ଷରୁ ଟେରାକୋଟା ସାମଗ୍ରୀ ଲାଇଭ୍ ଡେମୋ ହେଉଛି। ବିଭିନ୍ନ ପ୍ରକାର ମୁଖା, କପ୍‌ପ୍ଲେଟ୍, ମାଟି ଅଳଙ୍କାର, ଦୀପ, ଠାକୁର ମୂର୍ତ୍ତି, ମାଟିହାଣ୍ଡି ଓ ଗୃହ ସଜ୍ଜା ସାମଗ୍ରୀ ପ୍ରତି ଲୋକଙ୍କ ଆକର୍ଷଣ ପରିଲକ୍ଷିତ ହେଉଛି। ଏ ପର୍ଯ୍ୟନ୍ତ ଏହି ଷ୍ଟଲରୁ ପ୍ରାୟ ୩୫,୦୦୦ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ଏହି ଗୋଷ୍ଠୀର ସମ୍ପାଦିକା ସ୍ନେହଲତା ବେହେରା କହିଛନ୍ତି। ସପ୍ତମ ଦିନ ସୁଦ୍ଧା ମେଳାରେ ୭ କୋଟି ୧୬ଲକ୍ଷ ୧୧ ହଜାର ୭୦୫ ଟଙ୍କାର ବ୍ୟବସାୟ ହୋଇଥିବା ଓର୍‌ମାସ ପକ୍ଷରୁ କୁହାଯାଇଛି। ବିଭିନ୍ନ ଏସ୍‌ଏଚ୍‌ଜିଙ୍କ ସାମଗ୍ରୀ ମଧ୍ୟରେ ଝାଡୁ, କେନ୍ଦୁଝରର ବଡ଼ି, କଞ୍ଚାହଳଦୀ, ପାମ୍ପଡ଼, ବିଭିନ୍ନ ମସଲା, ଡାଲି ଜାତୀୟ ଦ୍ରବ୍ୟ ଏବଂ ଶୁଖୁଆର ପ୍ରବଳ ଚାହିଦା ରହିଛି। ଏତଦ୍ ବ୍ୟତୀତ ଘରକରଣା ସାମଗ୍ରୀ ମଧ୍ୟରେ କତା ସାମଗ୍ରୀ, ଚିନାମାଟି ବାସନ, ଡୋକ୍ରା କାମ, ମହମବତି, ଅଗରବତି ଷ୍ଟଲ୍‌ରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଦେବଗଡ଼ର ମା’ ବୀଣାପାଣି ଚାଉଳ ଉତ୍ପାଦକ ଗୋଷ୍ଠୀ ଏପର୍ଯ୍ୟନ୍ତ ସର୍ବାଧିକ ୪ ଲକ୍ଷ ୧୪ ହଜାର ୩୦୦ ଟଙ୍କାର ବ୍ୟବସାୟ କରିଛି। ସେହିପରି ଉତ୍ତରପ୍ରଦେଶର ‘ଫଲକ’ ଏସ୍‌ଏଚ୍‌ଜି ୩ ଲକ୍ଷ ୪୫ ହଜାର ଟଙ୍କାର ବିକ୍ରିବଟା କରିଥିବା ଜଣାପଡ଼ିଛି। ଆଜି ବିଶିଷ୍ଟ କଣ୍ଠଶିଳ୍ପୀ ବାଇ ପାଣିଗ୍ରାହୀ ଏବଂ ସାଥୀ କଳାକାରଙ୍କ ଦ୍ୱାରା ଗଜଲ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଇ ପାଣିଗ୍ରାହୀଙ୍କ କଣ୍ଠରେ ‘ହୋସ୍ ୱାଲୋଁ କୋ, ଦିଲ୍ ମେ ଏକ ଲହର ସି ଉଠି, ପିୟା ନେହିଁ ଜବ୍ ଗାଓଁ ମେ’ ପ୍ରଭୃତି ସଙ୍ଗୀତକୁ ଦର୍ଶକ ମନ ଭରି ଉପଭୋଗ କରିଥିଲେ। କଣ୍ଠଶିଳ୍ପୀ ନନ୍ଦିତା ଭଞ୍ଜ, ନରେଶ ନାରାୟଣ ମଧ୍ୟ ଗଜଲ୍ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଚଳିତବର୍ଷ ଶିଶିର ସରସ ମେଳାର ବ୍ୟବସାୟ ଅନ୍ୟ ବର୍ଷମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ ହୋଇଥିବା ଓରମାସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଏନ୍ ଦାସ ସୂଚନା ଦେଇଛନ୍ତି। ଏହି ମେଳା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଚିକିତ୍ସା ନାଁରେ ପ୍ରହସନ

ଅବହେଳା ଅଭିଯୋଗ, ହସ୍ପିଟାଲ୍ ସମ୍ମୁଖରେ ପାଟିତୁଣ୍ଡ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ରାତି ପାହିଲେ କେତେ କ’ଣ ସୁବିଧା ଯୋଗାଇ ଦେଉଛନ୍ତି ସରକାର। ମେଡିସିନ୍‌ଠୁ ନେଇ ଡାକ୍ତରଙ୍କ ମୁଣ୍ଡ ଥଣ୍ଡା ରଖିବା ଲାଗି ଲାଗୁଛି ଏସି। ହେଲେ ଡାକ୍ତରମାନେ ରୋଗୀଙ୍କୁ ସେବା ଯୋଗାଇବେ କ’ଣ ବରଂ ମନମାନି ଚଳାଇଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ରୋଗୀଙ୍କ ସମ୍ପର୍କୀୟମାନେ। ସିଧାସଳଖ ଟାର୍ଗେଟ କରିଛନ୍ତି ହସ୍ପିଟାଲ୍‌କୁ। ମଠରେ ଖାଇ ଖଟରେ ଶୋଇବା ଭଳି ଡ୍ୟୁଟି କରୁଛନ୍ତି ଡାକ୍ତର। ଏମିତି ଅଭିଯୋଗ ଉଠିଛି ସ୍ଥାନୀୟ ଇଏସ୍‌ଆଇ ହସ୍ପିଟାଲ୍ ବିରୋଧରେ। ଯାହାକୁ ନେଇ ପରିସ୍ଥିତି ଅଶାନ୍ତ ହୋଇଛି। ରୋଗୀଙ୍କ ସମ୍ପର୍କୀୟମାନେ ଆଜି ସନ୍ଧ୍ୟାରେ ପୂରା ହସ୍ପିଟାଲ୍ ପରିସରରେ ହଙ୍ଗାମା କରିଥିଲେ। ଚିକିତ୍ସା ନାଁରେ ପ୍ରହସନ ଚାଲୁଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଅନୁରୋଧ କରିଛନ୍ତି। ମାସ ଶେଷକୁ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା କାଟିବାରେ ହେଳା ନାହିଁ। ସେବା କଥା ଆସିଲେ ଆଖିକାନ ବନ୍ଦ କରି ବସୁଛନ୍ତି ବିଭାଗୀୟ ଅଧିକାରୀ। ଯେତେ କହିଲେ ବି କେହି ଶୁଣିବାକୁ ନାରାଜ୍। ଯାହାର ନିଚ୍ଛକ ଉଦାହରଣ ପୁଣି ଦେଖିବାକୁ ମିଳିଛି ନୟାପଲ୍ଲୀ ଥାନା ଅଧୀନ ଇଏସ୍‌ଆଇ ହସ୍ପିଟାଲ୍‌ରେ। ଜଣେ କର୍ମଚାରୀ ଚିକିତ୍ସା ଲାଗି ୧୫ଦିନ ତଳେ ଆସି ପହଞ୍ଚିଥିଲେ ହସ୍ପିଟାଲ୍‌ରେ। ଅପରେସନ୍ ହେବାର ଥିଲା। କିନ୍ତୁ ଅପରେସନ୍ ହେବ କ’ଣ ସମୟ ଗଡ଼େଇ ଚାଲିଲେ ହସ୍ପିଟାଲ୍ କର୍ତ୍ତୃପକ୍ଷ। ଏତିକି ନୁହେଁ ଅନ୍ୟତ୍ର ରେଫର୍ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଇଏସ୍‌ଆଇ ହସ୍ପିଟାଲ୍ ରେଫର୍ କରୁଥିବା କଥାକୁ ସହଜରେ ଗ୍ରହଣ କରି ନଥିଲେ ରୋଗୀଙ୍କ ସମ୍ପର୍କୀୟ। କାରଣ ଜାଣିବାକୁ ଜିଦ୍ ଧରିବାରୁ ହସ୍ପିଟାଲ୍ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ବରଂ ମୁହଁତୋଡ଼ ଦେଖାଇଥିବା ଅଭିଯୋଗ ହୋଇଛି। କର୍ତ୍ତୃପକ୍ଷଙ୍କ ଏଭଳି ବ୍ୟବହାର ରୋଗୀଙ୍କ ସମ୍ପର୍କୀୟଙ୍କୁ ତତାଇ ଦେଇଥିଲା। ଫଳସ୍ୱରୂପ ଏହାକୁ ନେଇ ସନ୍ଧ୍ୟାରେ ପରିସ୍ଥିତି ଅସମ୍ଭାଳ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଏକଜୁଟ୍ ହୋଇ ପାଟିତୁଣ୍ଡ କରିବାରୁ ମାମଲା ଥାନାରେ ପହଞ୍ଚିଥିଲା। ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ, ହସ୍ପିଟାଲ୍‌ରେ କୌଣସି ସୁବିଧା ଉପଲବ୍ଧ ନଥିବାବେଳେ ରୋଗୀ ହନ୍ତସନ୍ତ ହେଉଛନ୍ତି। ତେବେ ପୁଲିସ୍‌ର ବୁଝାସୁଝା ପରେ ଯଦିଓ ପରିସ୍ଥିତି ଶାନ୍ତ ପଡ଼ିଥିଲା, ଆଗକୁ ଯେପରି ଏଭଳି ପରିସ୍ଥିତି ନଉପୁଜେ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

ରାଜ୍ୟସ୍ତରୀୟ ବିବେକାନନ୍ଦ ଜୟନ୍ତୀ ସମାରୋହ ପାଳିତ

ଖୋର୍ଦ୍ଧା,୧୨।୧/ଏନ୍‌ଏନ୍‌ଏସ୍: ସ୍ଥାନୀୟ ଗୀତାଭବନ ପଡ଼ିଆରେ ରାଜ୍ୟସ୍ତରୀୟ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବଦିବସ ସମାରୋହ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି ଏବଂ କଲେଜ୍ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବେଦପାଠ ସହ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ ପରେ ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଏବଂ ଅମୃତ ବଚନ ପାଠ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. ଭଗବାନ ପ୍ରକାଶ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ଚଣ୍ଡିଖୋଲ ଅନନ୍ତ ଆଶ୍ରମ ମହନ୍ତ ସ୍ୱାମୀ ଡ. ସ୍ତୁତିସାଗର ସରସ୍ୱତୀ ଯୋଗଦେଇ କହିଥିଲେ ସ୍ୱାମୀଜୀଙ୍କ ସେବା ଓ ତ୍ୟାଗର ଭାବନା ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ସ୍ପନ୍ଦିତ ହେଉ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାଜଜ୍ ଲଳିତ କୁମାର ଦାସ, ଅବସରପ୍ରାପ୍ତ ଏୟାରମାର୍ଶଲ ଜ୍ୟୋତି ନାରାୟଣ ବର୍ମା, ଈପ୍‌ସିତା ଦାସ, ଲୋକତନ୍ତ୍ର ସେନାନୀ ସଂଘର ରାଷ୍ଟ୍ରୀୟ ସମ୍ପାଦକ ସୁବାସ ଚନ୍ଦ୍ର ଗନ୍ତାୟତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଭାରତୀୟ ନିର୍ବାଚନ ଆୟୋଗର ବରିଷ୍ଠ ଉପଦେଷ୍ଟା ତଥା ବିଶିଷ୍ଟ ସ୍ତମ୍ଭକାର ଡ଼. ଭଗବାନ ପ୍ରକାଶଙ୍କୁ ଓଡ଼ିଶାର ଏକ ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବରେ ‘ଓଡ଼ିଶା ଗୌରବ ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଏୟାରମାର୍ଶଲ ଶ୍ରୀ ବର୍ମା, ଅତିରିକ୍ତ ଜିଲ୍ଲାଜଜ୍ ଶ୍ରୀ ଦାସ ଏବଂ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଖୋର୍ଦ୍ଧାରେ ସର୍ବୋଚ୍ଚ ମାର୍କ ରଖିଥିବା ଈପ୍‌ସିତା ଦାସଙ୍କୁ ‘ଖୋର୍ଦ୍ଧା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ତର୍କ, ଭାଷଣ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଡ. ଧୀରେନ୍ଦ୍ର ନନ୍ଦ ସ୍ୱାଗତଭାଷଣ ଦେଇଥିବାବେଳେ ପ୍ରଫେସର ଚିତ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଶେଷରେ ଇଂ ସୀତାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ବିଭିନ୍ନ ଦାବିରେ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଧାରଣା

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ବିଭିନ୍ନ ଦାବିରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। ସ୍ଥାୟୀ ଶିକ୍ଷକ ଓ ଅଧ୍ୟକ୍ଷ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ୧୭ତାରିଖରୁ ରାଜନୀତି ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି କରାଯିବ। ଯେମିତି ପାଠପଢ଼ାରେ କୌଣସି ପ୍ରକାର ଅସୁବିଧା ନହେବ ଏବଂ ଠିକ୍‌ରେ ପରୀକ୍ଷା ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ। ଏଥିସହିତ ଅଧ୍ୟକ୍ଷ ଦାୟିତ୍ୱରେ ସେ ନିଜେ ଅଛନ୍ତି। ଆଗକୁ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ନାୟକ କହିବା ପରେ ଛାତ୍ରଛାତ୍ରୀ ଧାରଣାରୁ ଉଠିଥିଲେ।ଆସନ୍ତା ମାର୍ଚ୍ଚରେ ପରୀକ୍ଷା ଥିବାବେଳେ ଏ ପର୍ଯ୍ୟନ୍ତ କୋର୍ସ ଆରମ୍ଭ ହୋଇନି। ଅର୍ଥଶାସ୍ତ୍ର ଏବଂ ରାଜନୀତି ବିଜ୍ଞାନ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ଏ ସମ୍ପର୍କରେ ବୁଝିବା ପାଇଁ କଲେଜରେ ଅଧ୍ୟକ୍ଷ ବି ନାହାନ୍ତି। ତେଣୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ଦାବି କରିଥିଲେ ଛାତ୍ରଛାତ୍ର। ପରୀକ୍ଷା ମୁଣ୍ଡ ଉପରେ ଥିଲାବେଳେ ସରକାର ଅଧ୍ୟାପକ ନିଯୁକ୍ତ ନକରିବା ଦୁର୍ଭାଗ୍ୟଜନକ ବୋଲି ଛାତ୍ରଛାତ୍ରୀ କହିଛନ୍ତି।

ମୋବାଇଲ୍ ଲୁଟେରା ଗିରଫ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଜଣେ ଯୁବତୀଙ୍କ ଠାରୁ ମୋବାଇଲ୍ ଝାମ୍ପି ନେବା ଅଭିଯୋଗରେ ଆଜି ଖାରବେଳନଗର ଥାନା ପୁଲିସ୍ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ୟୁନିଟ୍-୪ ଅଞ୍ଚଳର ଲିଟୁ ବାହାଲିଆ (୨୭)। ମିଳିଥିବା ସୂଚନା ମୁତାବକ, ଗତବର୍ଷ ଅକ୍ଟୋବର ୧୬ ତାରିଖ ଦିନ ସାଗରିକା ନାମକ ଜଣେ ଯୁବତୀ ସାଇ ମନ୍ଦିର ଯାଇଥିବା ବେଳେ ଏକ କଳା ପଲସରରେ ଲିଟୁ ଆସି ତାଙ୍କ ମୋବାଇଲ୍ ଝାମ୍ପି ନେଇଥିଲେ। ପୁଲିସ୍ ଏହାର ତଦନ୍ତ କରୁଥିଲା। ଗତକାଲି ଶୁଭମ ମାର୍କେଟ ପାଖରେ ଅଭିଯୁକ୍ତ ଲିଟୁ ଚୋରା ସୁନା ବିକ୍ରି କରୁଥିବା ଖବର ପାଇ ପୁଲିସ୍ ଚଢ଼ଉ କରି ତାକୁ କାବୁ କରିଥିଲା।